بسم اللہ الرحمٰن الرحیم

ଖୁତବା ଜୁମା ୧୬ ନଭେମ୍ବର ୨୦୧୮ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

**ଫିଲାଡ଼ଲ୍ଫିୟା, ବଲ୍ଟିମୋର୍, ଭରଜନିଆରେ ତିନୋଟି ମସଜିଦ୍ ଏବଂ ଗୋଏଟେମାଲାରେ ହ୍ୟୁମାନିଟି ଫାର୍ଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ ଏବଂ ଏହି ଅବସରରେ ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ଅତିଥିମାନଙ୍କର ବିଶ୍ୱାସବର୍ଦ୍ଧକ ପ୍ରତିକ୍ରିୟା ।**

ତଶହୁଦ୍ ଏବଂ ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଗତ ସପ୍ତାହର ଖୁତବା ଜୁମାରେ ତେହରିକେ ଜଦିଦ୍ ସଂପର୍କିତ ନୂତନ ବର୍ଷର ଘୋଷଣା କରିବା ଯୋଗୁଁ ମୁଁ ଆମେରିକା ଏବଂ ଗୋଏଟେମାଲାର ଯେଉଁ ଯାତ୍ରା କରିଥିଲି ତାହା ସଂପର୍କରେ କୌଣସି ଚର୍ଚ୍ଚା କରିପାରି ନଥିଲି । ତେଣୁ ଅଲ୍ଲାଃତାଲାଙ୍କ କୃପାରୁ ଏହି ଯାତ୍ରାର ଲୋକମାନଙ୍କ ଉପରେ ଅନେକ ସକାରାତ୍ମକ ପ୍ରଭାବ ପଡ଼ିଛି । ଅର୍ଥାତ୍ ଆତ୍ମୀୟସ୍ୱଜନ ଏବଂ ପରମାନଙ୍କ ସହ ସଂପର୍କ ଅନୁଯାୟୀ ମଧ୍ୟ ଏବଂ ପ୍ରଶାସନିକ ବ୍ୟବସ୍ଥାନୁଯାୟୀ ମଧ୍ୟ ସିଧାଶଳଖଭାବେ ଅବଲୋକନ ଏବଂ ସାକ୍ଷାତ୍ ଦ୍ୱାରା ଅନେକ ଜ୍ଞାତବ୍ୟ କଥାଗୁଡ଼ିକ ମୋର ଗୋଚରାର୍ଥ ହୋଇଥାଏ । ତନ୍ମଧ୍ୟରୁ ତିନୋଟି ବଡ଼ ଉପକାରିତା ହେଲା ; (୧) ସେହି ରାଷ୍ଟ୍ରରେ ଶିକ୍ଷିତ ବର୍ଗ ଏବଂ ଉଚ୍ଚ ସମ୍ଭ୍ରାନ୍ତ ଶ୍ରେଣୀୟ ଲୋକମାନଙ୍କ ସହିତ ଯୋଗସୂତ୍ର ରକ୍ଷା ହୋଇ ଯାଇଥାଏ । ଅର୍ଥାତ୍ ସାକ୍ଷାତ୍ ମାଧ୍ୟମରେ ଏବଂ ମସଜିଦର ଉଦଘାଟନ ତଥା ରିସେପଶନ୍ (ଅଭ୍ୟର୍ଥନା ବା ସ୍ୱାଗତ ସମାରୋହ) ସମୟରେ ମଧ୍ୟ । (୨) ଗଣମାଧ୍ୟମ ମାଧ୍ୟମରେ ଇସଲାମ୍ ଏବଂ ଅହମଦିୟତର ପରିଚୟ ଏବଂ ତତଜନିତ ପ୍ରକୃତ ଶିକ୍ଷା ଲୋକମାନଙ୍କ ବିଚାରଗତ ହୋଇଥାଏ । (୩) ତୃତୀୟ କଥାଟି ହେଉଛି ଯେ, ଜମାଅତର ଲୋକମାନଙ୍କ ସହିତ ପରିଚୟ ମଧ୍ୟ ହୋଇଯାଇଥାଏ । ଫଳସ୍ୱରୂପ ସେହି ଅହମଦିମାନଙ୍କ ବିଶ୍ୱାସ ଓ ନିଷ୍ଠାରେ ଆସାଧାରଣ ଅଭିବୃଦ୍ଧି ଘଟିଥାଏ ।

ହୁଜୁର ଅନୱର୍ ଅ.ବ କହିଲେ : ଅଲ୍ଲାଃତାଲାଙ୍କ କୃପାରୁ ସେହି ଯାତ୍ରା ସମୟରେ ଆମେରିକାରେ ମୋତେ ତିନୋଟି ମସଜିଦ୍ ଉଦଘାଟନ କରିବାର ସୁଯୋଗ ପ୍ରାପ୍ତ ହେଲା । ମୁଁ ଯେଉଁଠି ବି ଯାଉଥିଲି ବାଳକ, ଯୁବକ, ନାରୀ ଏବଂ ପୁରୁଷମାନେ ନିଜର ବହୁମୂଲ୍ୟ ସମୟ ମସଜିଦର ଆଧ୍ୟାତ୍ମିକ ପରିବେଶରେ ହିଁ ଅତିବାହିତ କରିଛନ୍ତି । ସେମାନଙ୍କର ଖିଲାଫତ୍ ସହିତ ଏକ ଦୃଢ଼ ସଂପର୍କ ରହିଥିଲା ଏବଂ ପୁନଶ୍ଚ ସେମାନେ ଖଲିଫାଙ୍କ ଉପସ୍ଥିତିକୁ ଅନୁଧାନ କରି ଏହି ଆଧ୍ୟାତ୍ମିକ ପରିବେଶରୁ ଲାଭାନ୍ୱିତ ହୋଇ ମସଜିଦକୁ ଆସି ନିଜର ବହୁମୂଲ୍ୟ ସମୟ ଉପାସନାରେ ଅତିବାହିତ କରିଛନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ : ସାଧାରଣତଃ ଆମେରିକୀୟ ରାଜନୈତିକ ଦଳ, ଶିକ୍ଷିତଗୋଷ୍ଠୀ ଏବଂ ସାଧାରଣ ଜନତାମାନେ ମଧ୍ୟ ମୋର ଏହି ଆଧ୍ୟାତ୍ମିକ କଥା ଶୁଣି ଏବଂ ସତବଚନକୁ ସେମାନେ ପ୍ରଶଂସା କରିଥାଆନ୍ତି । ଏଥିରୁ ଅନୁମିତ ହୁଏ ଯେ, ସେମାନଙ୍କ ନିକଟରେ ଇସଲମାର ସଠିକ୍ ବାର୍ତ୍ତା ପହଞ୍ଚି ପାରିନାହିଁ । ତେଣୁ ଯେଉଁମାନଙ୍କ ନିକଟରେ ଇସାଲମର ସଠିକ୍ ବାର୍ତ୍ତା ପହଞ୍ଚିଛି ଏବଂ ଯେଉଁମାନଙ୍କର ଜମାଅତ ସହିତ ସଂପର୍କ ବା ଯୋଗଯୋଗ ସଂପର୍କ ରହିଛି ସେମାନେ ଇସଲାମ୍ ସଂପର୍କରେ ସଠିକ୍ ମତପୋଷଣ କରିଥାଆନ୍ତି । ତେଣୁ ଆମମାନଙ୍କ ଉପରେ ଏହି ଗୁରୁଦାୟୀତ୍ୱଟି ନ୍ୟସ୍ତ ହେଉଛି ଯେ, ଆମେମାନେ ଇସଲାମର ପ୍ରକୃତ ଶିକ୍ଷା ଓ ବାର୍ତ୍ତାକୁ କଠିନ ପରିଶ୍ରମ ଦ୍ୱାରା ଆମେରିକାର ଜନସାଧାରାଣଙ୍କ ନିକଟରେ ତଥା ବିଶ୍ୱ ଦରବାରରେ ସଠିକ୍ ରୂପରେ ପହଞ୍ଚାଇବାର ସକ୍ଷମ ହେଉ । ଯେଉଁଠି ଆମମାନଙ୍କ ଦ୍ୱାରା ଇସଲାମର ସଠିକ୍ ବାର୍ତ୍ତା ପ୍ରଚାର କରିବା ଫଳରେ ଅଣମୁସଲମାନମାନଙ୍କୁ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ସଠିକ୍ ଜ୍ଞାନ ପ୍ରାପ୍ତ ହୋଇଥାଏ ସେଠାରେ ପୁଣି ଅଣମୁସଲମାନମାନଙ୍କୁ ଏହା ଅନୁଭବ ମଧ୍ୟ ହୋଇଥାଏ ଯେ, ପ୍ରକୃତ ଇସଲାମ୍ କ'ଣ ବା କେଉଁଟି ? ଅନେକ ସ୍ଥଳରେ ଏହା ମଧ୍ୟ ଦେଖିବାକୁ ମିଳିଥାଏ ଏବଂ ଆମେରିକାରେ ମଧ୍ୟ ଏପରି ଘଟିସାରିଛି ଯେ, ସେହି ଅଣମୁସଲମାନମାନେ ଯେତେବେଳେ ଆମ ଇସଲାମ୍ ଧର୍ମର ସୌନ୍ଦର୍ଯ୍ୟମୟୀ ଶିକ୍ଷା ସମ୍ବନ୍ଧରେ କର୍ଣ୍ଣପାତ କରନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ଇସଲାମ୍ ପ୍ରତି ଏକ ନୂତନ ଉନ୍ମାଦନା ତଥା ଭରସା ଉଦ୍ଦୀପିତ ହୋଇଥାଏ । ତେଣୁ ଆମମାନଙ୍କୁ କୌଣସି ପ୍ରକାରର ହୀନମନ୍ୟ ହେବାର ଆବଶ୍ୟକାତ ନାହିଁ । ବରଂ ସଂସାରର ସମସ୍ତ ସମସ୍ୟାର ସମାଧାନ ଇସଲାମରେ ହିଁ ରହିଛି। ଏହି ବିଶ୍ୱାସ ରଖିବା ଦରକାର । ତେଣୁ କେତେକ ଅଣଅହମଦି ମୁସଲମାନମାନେ ଏହି କଥାର ପରିପ୍ରକାଶ କରନ୍ତି ଯେ,ଆପଣମାନେ ଇସଲାମର ସୌନ୍ଦର୍ଯ୍ୟମୟୀ ଶିକ୍ଷାର ଯେଉଁଭଳି ପ୍ରଚାର ବା ଉପସ୍ଥାପିତ କରୁଛନ୍ତି ଏହି ମାର୍ଗ ହିଁ ଉପଯୁକ୍ତ ବା ପ୍ରଯୁଜ୍ୟ ମାର୍ଗ ଅଟେ ।

ହୁଜୁର ଅନୱର୍ ଅ.ବ କେତେକ ଅତିଥିମାନଙ୍କର ବିଶ୍ୱାସବର୍ଦ୍ଧକ ତଥା ମନମୁଗ୍ଧକର ପ୍ରତିକ୍ରିୟା ସଂପର୍କରେ ବର୍ଣ୍ଣନା କରି କହିଲେ : ଯେ, ଫିଲାଡ଼ଲଫିୟାରେ ମସଜିଦ୍ ବୈୟତୁଲ୍ ଆଫିୟତର ଉଦଘାଟନୀ ଅବସରରେ ସମ୍ମାନନୀୟ ଅତିଥିଭାବେ ଡ଼ୱାଏଟ୍ ଏୱେନଜ୍ ୟୁ-ଏସ୍ କଂଗ୍ରେସର ଜଣେ ବିଶିଷ୍ଟ ସଦସ୍ୟ ମଧ୍ୟ ଆସିଥିଲେ । ସେ ମୋତେ ଅତ୍ୟନ୍ତ ମାର୍ଜିତ ଶବ୍ଦରେ କହିଲେ ଯେ, ଏହି ବୃହତ୍ ସହରରେ ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଏହି ସହର ହେଉଛି ଭାଇ ଭଉଣୀ ପରି ପରସ୍ପରକୁ ଭଲ ପାଇବାର ସହର । ଫିଲାଡ଼ଲଫିୟାର ପ୍ରଶାସନ ତରଫରୁ ମୁଁ ଏହି ମୁସଲମାନ କମ୍ୟୁନିଟିକୁ ଏହା କହିଦେବାକୁ ଚାହେଁ ଯେ, ଆମେମାନେ ଆପଣମାନଙ୍କର ଏହି ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ ଏଠାରେ ସ୍ୱାଗତ ଜଣାଉଛୁ । ଆମେମାନେ ଆପଣମାନଙ୍କ ସାଥିରେ ଅଛୁ ଏବଂ ଘୃଣା, ବୈରାଗ୍ୟ, କ୍ରୁରତା ବିରୁଦ୍ଧରେ ସର୍ବଦା ଛିଡା ହୋଇଛୁ । ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଆପଣ ସର୍ବୋତ୍ତମ ବାର୍ତ୍ତା ପ୍ରଦାନ କରିଛନ୍ତି । ଯାହାକି ଦୁର୍ଲଭ୍ୟ ଏବଂ ସମୟର ଉପଯୋଗୀତା ତଥା ଆବଶ୍ୟକ ଅନୁକୂଳ ଅଟେ । ଏଥିରୁ ଏହା ପ୍ରମାଣିତ ହୁଏ ଯେ, ମୁସଲମାନ ସମୁଦାୟ କେବଳ ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପୁନଶ୍ଚ ଜନ୍ କିନି ସାହେବ୍ କହିଲେ ଯେ, ଫିଲାଡ଼ଲଫିୟା ସହରର ଇତିହାସରୁ ଏହା ଜଣାପଡ଼େ ଯେ,ଏହି ସହରର ଧାର୍ମିକ ସ୍ୱାଧୀନତା ହେଉଛି ମୌଳିକ ମୂଳତତ୍ତ୍ୱ ଅନ୍ତର୍ଭୁକ୍ତ । ତେଣୁ ଉପରୋକ୍ତ ମୂଳଦୁଆକୁ ଭିତ୍ତି କରି ଏହି ସହର ନିର୍ମାଣ କରଯାଇଥିଲା । ଆମମାନଙ୍କର ସଂପର୍କ ବିଭିନ୍ନ ଜାତି ବା ବର୍ଣ୍ଣର ଲୋକମାନଙ୍କ ସହିତ ଥାଉ ନା କାହିଁକି କିନ୍ତୁ ଏହି ସହର ପ୍ରତ୍ୟେକ ବ୍ୟକ୍ତିକୁ ନିଜର କରି, ସେମାନଙ୍କୁ ଆପଣାଇ ସେମାନଙ୍କୁ ନିଜର ବକ୍ଷ ମଧ୍ୟକୁ ସ୍ୱାଗତ ଜଣାଇଥାଏ । ତେଣୁ ଆମେମାନେ ପରସ୍ପର ସହିର ମିଳିମିଶି କାର୍ଯ୍ୟକରି, ପରସ୍ପରକୁ ସମ୍ମାନ ଜଣାଇ ଏବଂ ପରସ୍ପର ପ୍ରତି ଆନ୍ତାରିକତା ମନୋଭାବ ପ୍ରଦର୍ଶନ କରିବା ଉଚିତ୍ ଏବଂ ବିଶ୍ୱକୁ ଏହି ବାର୍ତ୍ତାଟି ଦେବାରେ ସକ୍ଷମ ହେବୁ ଯେ, ଆମେମାନେ ପରସ୍ପର ସହିତ ମିଳିମିଶି ରହିପାରିବୁ ଏବଂ ଆମେମାନେ ସ୍ୱୟଂ ନିଜର ସମସ୍ୟାଗୁଡ଼ିକୁ ସମାଧାନ କରିପାରିବୁ । ତେଣୁ ଜଣେ ସ୍ଥାନୀୟ କାଉନସିଲର୍ କହିଲେ ଯେ, ଏ ପରିପ୍ରେକ୍ଷୀରେ ଆପଣଙ୍କ ଶାନ୍ତିର ବାର୍ତ୍ତା ଅତ୍ୟନ୍ତ ଆବଶ୍ୟକୀୟ ହୋଇପଡ଼ିଛି । ବିଶେଷକରି ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବାର୍ତ୍ତାର ମହତ୍ତ୍ୱତା ମଧ୍ୟ ବୃଦ୍ଧି ପାଇଛି । ଆପଣ ଯେଉଁ ବାର୍ତ୍ତାଟି ଦେଇଛନ୍ତି ଯେ, ଆପଣମାନେ (ଅର୍ଥାତ୍ ଆପଣଙ୍କ ସଂପ୍ରଦାୟର ଲୋକମାନେ) ଲୋକମାନଙ୍କର ଆବଶ୍ୟକତା ତଥା ବିପଦ ଆପଦରେ ପଡ଼ୋଶୀମାନଙ୍କର କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହେବେ । ମୋ (ଜନ୍ କିନି ସାହେବଙ୍କ) ମତରେ ଏହି ବାର୍ତ୍ତାର ଆବଶ୍ୟକତା କେବଳ ଫିଲାଡ଼ଲଫିୟାରେ ନୁହେଁ ବରଂ ସମଗ୍ର ଆମେରିକାକୁ ଏହି ବାର୍ତ୍ତାର ଆବଶ୍ୟକତା ରହିଛି ।

ହୁଜୁର ଅନୱର୍ ଅ.ବ କହିଲେ : ପୁନଶ୍ଚ ବାଲଟିମୋରର ମସଜିଦର ଲୋକାର୍ପଣ ହେଲା ଯାହାର ନାମ ବୈୟତୁସ୍ ସମଦ୍ ଅଟେ । ବାଲଟିମୋରର ମେୟର୍ ରିସେପଶନରେ ଆସିଥିଲେ । ସେ ଉଲ୍ଲେଖ କରନ୍ତି ଯେ, ଆପଣ ଶାନ୍ତିକୁ ଭିତ୍ତିକରି ବାର୍ତ୍ତା ଦେଇଛନ୍ତି । ଏହା ସେହି ବାର୍ତ୍ତା ଅଟେ ଯାହାର ଆବଶ୍ୟକତା କେବଳ ଆମ ସହରକୁ ନାହିଁ, ବରଂ ଆମ ରାଜ୍ୟ ଏବଂ ପୁନଶ୍ଚ ସମଗ୍ର ୟୁ.ଏସ୍.ଏ ରାଷ୍ଟ୍ର ଏବଂ ସମଗ୍ର ବିଶ୍ୱ ପାଇଁ ଆଜି ଏହି ଶାନ୍ତିର ବାର୍ତ୍ତା ଆବଶ୍ୟକ ହୋଇପଡ଼ିଛି । ମୁଁ ଏହା ମନେକରୁଛି ଯେ, ପ୍ରତ୍ୟେକ ବ୍ୟକ୍ତିକୁ ଏହି ବାର୍ତ୍ତାକୁ ଶୁଣିବା ଉଚିତ୍ । ତେଣୁ ଯଦି ଆମେମାନେ ଏହି ବାର୍ତ୍ତାକୁ ଶୁଣିବୁ ତେବେ ଆମେମାନେ ମଧ୍ୟ ବୁଝିପାରିବୁ ଯେ, ସଂସାରର ସମସ୍ତ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଶାନ୍ତି । ତେଣୁ ଆମେମାନେ ପରସ୍ପରକୁ କିପରି ଭଲପାଇବା ଉଚିତ୍ ତାହା ଶିଖିବା ଦରକାର ।

ବିଶ୍ୱବିଦ୍ୟାୟର ଜଣେ ଅଧ୍ୟାପକ କହିଲେ ଯେ, ଏହା ଏକ ଅଭୂତପୂର୍ଣ୍ଣ ବାର୍ତ୍ତା ଥିଲା ଯାହା ମାଧ୍ୟମରେ ଆମେମାନେ ସମାଜରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଦେଇପାରିବୁ । ତେଣୁ ଯୁକ୍ତରାଷ୍ଟ୍ର ଆମେରିକାର ପରିବେଶରେ ଏହି ବାର୍ତ୍ତାର ଅନେକ ମହତ୍ତ୍ୱ ରହିଛି । ତେଣୁ ମୋତେ ଏହି ଅଭୂତପୂର୍ବ ବାର୍ତ୍ତା ଅନେକାଂଶରେ ପ୍ରଭାବିତ କଲା ।

ପୁନଶ୍ଚ ୪୮ ଗୋଟି ଜିଲ୍ଲାର ପ୍ରାଦେଶିକ ପ୍ରତିନିଧିମାନେ ରହିଥିଲେ । ତନ୍ମଧ୍ୟରୁ ଜଣେ ଉଲ୍ଲେଖ କରନ୍ତି ଯେ, ମୁଁ ଏହି ବାର୍ତ୍ତାକୁ ଶୁଣି ଗଭୀର ପ୍ରଭାବିତ ହେଲି ଯେ,ଆପଣ ଆମମାନଙ୍କୁ ଆମମାନଙ୍କର କର୍ତ୍ତବ୍ୟବୋଧ ପ୍ରତି ସଚେତିତ କରାଇଛନ୍ତି । ଆପଣ ଆମମାନଙ୍କୁ କହିଲେ ଯେ, ସମସ୍ତଙ୍କୁ ପ୍ରେମ କର, କାହରିକୁ ଘୃଣା କର ନାହିଁ । ତେଣୁ ଏହିପରି କଥାକୁ ଅବଲମ୍ବନ ଓ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କର ଆଜି ଆବଶ୍ୟକତା ରହିଛି । ସେ କହନ୍ତି ଯେ, ମହୋଦୟ ଇମାମ୍ ଜମାଅତେ ଅହମଦିୟାଙ୍କ ଉପସ୍ଥିତିରେ ଏଠାରେ (ଅର୍ଥାତ୍ ସମାଜରେ) ଯେତେ ପରିବର୍ତ୍ତନ ଦେଖାଦେଇଛି, ତାହା ତୁଳନାରେ ଆମେମାନେ ସମାଜର ସଂସ୍କାର ନିମନ୍ତେ ଅନେକ ପ୍ରଚେଷ୍ଟା ମଧ୍ୟ କଲୁ କିନ୍ତୁ ତାହା ଆଶାନୁରୂପ ଫଳପ୍ରଦ ହେଲା ନାହିଁ ।

୪୧ଟି ଜିଲ୍ଲାର ପ୍ରାଦେଶିକ ରିପ୍ରେଜେଣ୍ଟେଟିଭ୍ (ପ୍ରତିନିଧି) ବିଲାଲ୍ ସାହେବ୍ ଜଣେ ମୁସଲମାନ ଥିଲେ । ସେ କହନ୍ତି ଯେ, ଆପଣ ଏଠାରେ ଯେଉଁ ବାର୍ତ୍ତାଟି ଦେଇଛନ୍ତି ତାହାର ପ୍ରତିଧ୍ୱନି ଏଠାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିମାନଙ୍କ ଗହଣରେ ପ୍ରତିଧ୍ୱନିତ ହେଉଅଛି । ଐକ୍ୟତା, ଅପରିଚିତ୍ତତା, ପ୍ରେମମୟ ପରିବେଶ ଅର୍ଥାତ୍ ସହାବସ୍ଥାନ ସ୍ଥାପନ କରିବାରେ ଏହି ବାର୍ତ୍ତାର ଯଥେଷ୍ଟ ଗୁରୁତ୍ତ୍ୱ ଓ ଉପାଦେୟତା ରହିଛି । ଆପଣ ସଠିକ୍ ସମୟରେ ଆମମାନଙ୍କୁ ସମସ୍ତ ସମସ୍ୟାର ସମାଧାନ ସଂପର୍କରେ ଅବଗତ କରିଦେଇଛନ୍ତି । ସେହି ପ୍ରତିନିଧି ଜଣକ କହନ୍ତି ଯେ, ବାଲଟିମୋରର ଉତ୍କଟ ପରିସ୍ଥିତିର ମୁକାବିଲା କରିବା ପାଇଁ ଅହମଦିୟା ମୁସଲିମ୍ ଜମାଅତ୍ ଆଗେଇ ଆସିଛି ଏବଂ ସମାଜରେ ଏକ ସକାରାତ୍ମକ ଭୂମିକା ଗ୍ରହଣ କରି ନିଜର ଚରମ ଲକ୍ଷ୍ୟର ପରିପ୍ରକାଶ ପାଇଁ ଏହା ଏକ ଚୂଡ଼ାନ୍ତମୂଳକ ଅନୁକରଣୀୟ ଉଦାହରଣ ଅଟେ ।

ହୁଜୁର ଅନୱର୍ ଅ.ବ କହିଲେ : ପୁନଶ୍ଚ ଭର୍ଜିନିଆ ମସଜିଦର ଲୋକାର୍ପଣ ହେଲା, ଯାହାର ନାମ ମସଜିଦେ ମସରୁର୍ ଅଟେ । ଏଠାରେ ଜଣେ ସାଥି କୋରି ଷ୍ଟୋର୍ଟ ଯିଏକି ଯୁକ୍ତରାଷ୍ଟ୍ର ଆମେରିକାର ରିପବ୍ଲିକାନ ଦଳର (ଗଣରାଜ୍ୟର) ଜଣେ ପ୍ରାର୍ଥୀ ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ଯେଉଁ ଅଭିଭାଷଣଟି ମୁଁ ଶୁଣି ଥିଲି ତାହା ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ଯୁକ୍ତି ସଙ୍ଗତ ଦ୍ୱାରା ପରିପୂର୍ଣ୍ଣ ଥିଲା । ତେଣୁ ଆମେରିକା ଏବଂ ସମଗ୍ର ବିଶ୍ୱକୁ **"ପ୍ରେମ ସଭଙ୍କ ପାଇଁ ଘୃଣା କାହାରକୁ ନୁହେଁ"**ର ବାର୍ତ୍ତାକୁ ଧ୍ୟାନପୂର୍ବକ ଶୁଣିବା ଉଚିତ୍ ଏବଂ ଏହା ଉପରେ କାର୍ଯ୍ୟାନୁସରଣ ମଧ୍ୟ କରିବା ଉଚିତ୍ । ବିଶେଷକରି ଯେତେବେଳେକି ବିଶ୍ୱର ପରିବେଶ ତଥା ପରିସ୍ଥିତି ଉଦବେଗ ଜନକ ରହିଛି । ସୁତରାଂ ଧାର୍ମିକ ପ୍ରଚାର କରିବା ଅତ୍ୟନ୍ତ ଆବଶ୍ୟକୀୟ ହୋଇପଡ଼ିଛି ଏବଂ ଆପଣମାନେ (ଅହମଦିମାନେ) ତବଲିଗ୍ କରନ୍ତୁ । ତେଣୁ ଏହି ମସଜିଦ୍ ଆମମାନଙ୍କ ପାଇଁ ଏକ ଗୌରବପୂର୍ଣ୍ଣ ବିଷୟ ଓ ଅଧ୍ୟାୟ ଅଟେ । କାରଣ ଆପଣମାନେ ନିଜ ଦେଶ ପାଇଁ ଅନେକ କାର୍ଯ୍ୟ କରୁଛନ୍ତି ।

ଆଲେକ୍ସ କୈସେ ନାମକ ଜଣେ ଅତିଥି ଉଲ୍ଲେଖ କରନ୍ତି ଯେ, ମୁଁ ଆପଣଙ୍କର ଶାନ୍ତିମୂଳକ ବାର୍ତ୍ତା ଶୁଣି ଅତ୍ୟନ୍ତ ପ୍ରଭାବିତ ହୋଇଅଛି । ଆପଣଙ୍କର ଗୋଟିଏ ଗୋଟିଏ ଶବ୍ଦ ମୋ ଆତ୍ମାରେ ପ୍ରଭାବ ପକାଉଥିଲା । ନିୟୁ ଜର୍ସିର ସର୍ଜିକାଲ୍ କୋଅର୍ଡ଼ିନେଟରର ଜଣେ ମହିଳା ଉଲ୍ଲେଖ କରନ୍ତି ଯେ, ଇସଲାମର ସୌନ୍ଦର୍ଯ୍ୟପୂର୍ଣ୍ଣ ଶିକ୍ଷା ସଂପର୍କରେ ମୋର ମଧ୍ୟ ଏହି ଚିନ୍ତାଧାରା ଅଟେ ଯେ, କେତେକ ବ୍ୟକ୍ତିଗତ ବ୍ୟକ୍ତିମାନଙ୍କର ଅସଦ୍ ଆଚରଣ ଏବଂ ମନ୍ଦ କାର୍ଯ୍ୟ ଯୋଗୁଁ ସମଗ୍ର ମୁସଲମାନ୍ ଧର୍ମକୁ ଦୋଷୀ ସାବ୍ୟସ୍ତ କରିବା ନିଜ ଭିତରେ ଏକ ବଡ଼ ଅନ୍ୟାୟ ଅଟେ ।

ଜଣେ ମହିଳା ଲୋରେନ୍ ସାହେବା ନିଜର ପ୍ରତିକ୍ରିୟା ସଂପର୍କରେ ଏହା ମତ ବ୍ୟକ୍ତ କରନ୍ତି ଯେ,ମୁଁ ବହୁତ ପ୍ରସନ୍ନ ହେଲି ଯେ,ମୋତେ ଏଠାକୁ ଆମନ୍ତ୍ରିତ କରାଗଲା । ମୁଁ ଏଠାକୁ ଆସି ଅହମଦି ଜମାଅତ୍ ସଂପର୍କରେ ଅନେକ କଥା ଜାଣିବାକୁ ପାଇଲି । ମସଜିଦର ସୌଧ ଓ ସୌନ୍ଦର୍ଯ୍ୟ ଏହା ଅଞ୍ଚଳକୁ ଦ୍ୱିଗୁଣିତ ବା ପରିବର୍ଦ୍ଧିତ କରିଦେଇଛି । ଏହି ମସଜିଦ୍ ମୋର କୌଣସି କ୍ଷତି ଘଟାଇବ ତାହା ମୁଁ ଆଦୌ ମନେକରୁ ନାହିଁ । ବରଂ ଏହା ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅଟେ ।

ହୁଜୁର ଅନୱର୍ ଅ.ବ କହିଲେ : ଉପରୋକ୍ତ ମସଜିଦର ଲୋକାର୍ପଣ ବ୍ୟତୀତ ଆପଣମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିମାନେ ଜାଣନ୍ତି ଯେ, ଗୋଏଟେମାଲାରେ ହ୍ୟୁମାନିଟି ଫାର୍ଷ୍ଟର ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି ତାହାର ଉଦଘାଟନୀ ଉତ୍ସବ ମଧ୍ୟ ଥିଲା । ଜଣେ ସାଂସଦ ନିଜର ସୁଚିନ୍ତିତି ମତାମତ ମଧ୍ୟ ଦେଇଛନ୍ତି ଏବଂ ଜମାତକୁ କୃତଜ୍ଞ ମଧ୍ୟ ଜଣାଇଛନ୍ତି ଯେ, ଆମ ଦେଶରେ ଆପଣଙ୍କ ଜମାଅତ୍ ସ୍ୱାସ୍ଥ୍ୟକେନ୍ଦ୍ର ମାନକୁ ଖୋଲୁଅଛି ଏବଂ କମ୍ୟୁନିଟିଙ୍କ (ଗୋଷ୍ଠୀଙ୍କ) ମଧ୍ୟରେ ପ୍ରେମ ତଥା ସଦଭାବନା ସ୍ଥାପନ କରିବା ପାଇଁ ଅହରହ ପ୍ରୟାସ ମଧ୍ୟ କରୁଅଛି ।

ରୋବର୍ଟ କିନୋ ସାହେବ୍ ଯେକି ପାରାଗୁଓ୍ୱେର ଜଣେ ଶିକ୍ଷା ବିଭାଗର ଜଣେ ଉପମନ୍ତ୍ରୀ ଥିଲେ ସେ କହିଲେ ଯେ,ବହୁତ ଭଲ ଇଭେଣ୍ଟ (ସମ୍ମିଳନୀ) ଥିଲା । ମୁଁ ଆଶ୍ଚର୍ଯ୍ୟଚକିତ ଯେ, ଏହି ଜମାଅତ୍ ଏଭଳି ଏକ ଜମାଅତ୍ ଯିଏକି ନିଜର କାର୍ଯ୍ୟକ୍ରମକୁ ପରସ୍ପର ସହିତ ମିଳିମିଶି ଶେଷ ପର୍ଯ୍ୟାୟକୁ ପହଞ୍ଚାଇଛନ୍ତି । ଏହି ସମସ୍ତ ଅଭିପ୍ରାୟ କେବଳ ଅଭାବୀ ଲୋକମାନଙ୍କର ସାହାଯ୍ୟ ପାଇଁ ଏବଂ ମନୁଷ୍ୟମାନଙ୍କ ସହିତ ପ୍ରେମର ବ୍ୟବହାରିକ ପରିପ୍ରକାଶ ଅଟେ । ସୁତରାଂ ରୋବର୍ଟ ସାହେବ୍ କହନ୍ତି ଯେ, ଯଦି ମନୁଷ୍ୟ ମାନବତାର ଏହି ପଥକୁ ଅବଲମ୍ବନ କରିବ ତେବେ ଯାଇ ସଂସାରରେ ଶାନ୍ତି ସ୍ଥାପନ ହୋଇପାରିବ ।

ଗୋଏଟେମାଲାର ଜଣେ ସାମ୍ବାଦିକ କହିଲେ ଯେ, ମୋତେ ଯେଉଁ କଥାଟି ସବୁଠୁ ବେଶୀ ପ୍ରଭାବିତ କରିଛି ତାହା ହେଉଛି ଯେ, ଧର୍ମରେ କୌଣସି ବାଧ ବାଧକତା ନାହିଁ । ବରଂ ପରସ୍ପର ପ୍ରତି ଯତ୍ନଶୀଳ ହେବା ଉଚିତ୍ । ତେଣୁ ଅହମଦିୟା ଜମାଅତର ଇମାମ୍

ଆମମାନଙ୍କୁ ଏହି ବାର୍ତ୍ତା ଦେଇଛନ୍ତି । ସେହିପରି ଆମେମାନେ ପରସ୍ପରର କର୍ତ୍ତବ୍ୟ ଓ ଦାୟୀତ୍ୱ ନିର୍ବାହ କରିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତିକୁ ଜୀବନର ସର୍ବୋତ୍କୃଷ୍ଟ ମୌଳିକ ସୁବିଧା ମିଳିବା ଉଚତ୍ । ହୁଜୁର୍ ଅନୱର୍ କହିଲେ : ରିଭ୍ୟୁ ଅଫ୍ ରିଲିଜିୟନର ସ୍ପେନୀୟ ସଂସ୍କରଣର ମଧ୍ୟ ଶୁଭାରମ୍ଭ ହେଲା । ଯେତେବେଳେ ଆମର ସ୍ପେନ୍ ଆଡ଼କୁ ଦୃଷ୍ଟି ଆକର୍ଷଣ ହେଲା ସେତେବେଳେ ଗୋଏଟେମାଲାରୁ ଆମର ଜଣେ ନିଷ୍ଠାପର ଅହମଦି ଡ୍ୟୁଡ୍ ସାହେବ୍ କହିବାକୁ ଲାଗିଲେ ଯେ, ଆପଣ ସ୍ପେନ ପ୍ରତି ଧ୍ୟାନ ତ ରହିଛି ଯେ, ସେଠାରେ କିପରି ଇସାଲାମ୍ ପ୍ରସାରିତ ତଥା ବିସ୍ତାରିତ ହେବ । ଯାହାର ଜନସଂଖ୍ୟା ହାରାହାରି ୪୦ ମିଲିୟନ୍ ବଶିଷ୍ଟ । ଏହାର ଅପରପକ୍ଷରେ ଆମ ଦେଶର ଜନସଂଖ୍ୟା ହାରାହାରି ୪୦୦ ମିଲିୟନ୍ ଅଟେ । ଏଥିପ୍ରତି ଆପଣଙ୍କର କୌଣସି ଧ୍ୟାନ ନାହିଁ । ଏହାପରଠାରୁ ନିରନ୍ତରରୂପେ ସେଠାରେ ଜମାଅତି ମିଶନ ସ୍ଥାପନ କରିବା ପାଇଁ ଧ୍ୟାନ ଦିଆଗଲା ଏବଂ ଜାମିୟା ଅହମଦିୟାର ଛାତ୍ରମାନଙ୍କୁ ସେଠାକୁ ପ୍ରେରଣ କରିବାର ପ୍ରକିୟା ଆରମ୍ଭ ହୋଇଗଲା । ଅଲ୍ଲାଃତାଲାଙ୍କ କୃପାରୁ ସେଠାରେ ଜମାଅତ ସ୍ଥାପନ ହେଉଅଛି ।

ହୁଜୁର ଅନୱର୍ ଅ.ବ କହିଲେ : ଗୋଏଟେମାଲାରେ ବିଭିନ୍ନ ପଡ଼ୋଶୀ ରାଷ୍ଟ୍ରର ଅହମଦିମାନେ ମଧ୍ୟ ଶାମିଲ୍ ହୋଇଥିଲେ । ସେମାନଙ୍କର ମଧ୍ୟ ଭାବପୂର୍ଣ୍ଣ ପ୍ରତିକ୍ରିୟା ରହିଥିଲା । ଯେଉଁମାନେ କି ପ୍ରଥମ ଥର କରି ଉପସ୍ଥିତ ଖଲିଫାଙ୍କୁ ସାକ୍ଷାତ କରିଥିଲେ । ସୁତରାଂ ଖିଲାଫତ୍ ପ୍ରତି ଯେଉଁ ପ୍ରେମ ରହିବା ଦରକାର ତାହା ସେମାନଙ୍କ ଚକ୍ଷୁ ଏବଂ ସେମାନଙ୍କ ହୃଦୟରୁ ଅବାରିତ ଭାବେ ନିର୍ଗତ ହେଉଥିଲା ।

ଜଣେ ନଅ ମୁବାଇନ୍ (ନବାଗତ ବା ନୂତନ ଅହମଦି) ମହିଳା ଯାହାଙ୍କ ନାମ ଲାଏରା ମାଲଦା ଅଟେ । ସେ ଉଲ୍ଲେଖ କରନ୍ତି ଯେ, ଅନ୍ୟ ଦେଶରୁ ଆଗତ ଅହମଦି ଭାଇ ଭଉଣୀମାନଙ୍କ ସହିତ ମିଶି ମୋର ଇମାନ୍ ପୁନର୍ବାର ସତେଜ ହୋଇଯାଇଅଛି । ଯାହାଫଳରେକି ମୁଁ ନିଜକୁ ଆଧ୍ୟାତ୍ମିକ ଓ ଭାବନାତ୍ମକରୂପେ ବହୁତ ତୃପ୍ତ, ସନ୍ତୁଷ୍ଟ ତଥା ଶାନ୍ତି ଅନୁଭବ କରୁଅଛି । ଏଥିସହିତ ଖଲିଫାଏ ୱକ୍ତଙ୍କ ପଛରେ ନମାଜ୍ ପଢି ମୋର ଅଲ୍ଲାଃତାଲାଙ୍କ ଏବଂ ଅହମଦିୟତ୍ ଉପରେ ବିଶ୍ୱାସ ଆହୁରି ଦୃଢୀଭୂତ ହୋଇଯାଇଛି । ମୋର ଏହି ଅଭିଳାଷା ଯେ, ମୁଁ ମୃତ୍ୟୁ ପର୍ଯ୍ୟନ୍ତ ଏହି ପଥରେ ଯେପରି ଅଟଳ ହୋଇ ରୁହେ । ଅଲ୍ଲାଃତାଲା କରନ୍ତୁ ଯେ, ତାହା ହିଁ ହେଉ ।

ପୁନଶ୍ଚ ଆଉ ଜଣେ ନଅ ମୁବାଇନ୍ ଏୱାନ୍ ଫ୍ରାନସିସ୍କୋ ସାହେବ୍ ଉଲ୍ଲେଖ କରନ୍ତି ଯେ,ବୈଅତର (ଦୀକ୍ଷାର) କାର୍ଯ୍ୟକ୍ରମରେ ଏଭଳି ଏକ ମୁହୂର୍ତ୍ତ ରହିଥିଲା ଯାହାକୁ କି ଶବ୍ଦରେ ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବପର ନୁହେଁ । ସେହି ମୁହୂର୍ତ୍ତରେ ଶାରୀରିକରୂପେ ମୋତେ ଏହା ପ୍ରତିତ ହେଲା ଯେ, ଯେପରି ମୋର ସମସ୍ତ ଶରୀର ଭୀଷଣ ଉତପ୍ତ ହୋଇଯାଇଅଛି ଏବଂ ମୋର ଝାଳ ବୋହିବାକୁ ଲାଗିଲା ଏବଂ ଏହା ମନେ ହେଉଥିଲା ଯେପରି ଏକ ବୈଦୁତିକ ପ୍ରବାହ ମୋ ଶରୀର ମଧ୍ୟରେ ପ୍ରବାହିତ ବା ସଞ୍ଚରିତ ହେଉଅଛି । ଏହି ପ୍ରବାହରେ ମୋର ସମସ୍ତ ପାପକୁ ନେଇଯାଇଛି । ଅର୍ଥାତ୍ ନାଶ କରିପକାଇଛି । ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ ଧନ୍ୟବାଦ ଯେ, ସେ ଆମମାନଙ୍କୁ ଖିଲାଫତ୍ ପ୍ରଦାନ କରଛନ୍ତି । ମୁଁ ଜାଣିଛି ଯେ, ଏହା ମୋ ପାଇଁ ପୁଣ୍ୟ ଅଭିମୁଖେ ଯିବାର ପ୍ରଥମ ପଦକ୍ଷେପ ଅଟେ ଏବଂ ମୋ ମଧ୍ୟରେ ଏକ ଅପୂର୍ବ ପରିବର୍ତ୍ତନ ଆଣିଦେବ । ଏହା ହିଁ କାମନା ।

ଏକୱାଡ଼ୋରର ଜଣେ ଅହମଦି ଉଲ୍ଲେଖ କରନ୍ତି ଯେ,ଖଲିଫାଏ ୱକ୍ତଙ୍କର ଉପସ୍ଥିତିରେ ମୋତେ ଏକ ଦୁର୍ଲଭ ଧନାଗାର ପ୍ରଦାନ କରାଗଲା । ସେହିପରି ମୋତେ ଆଧ୍ୟାତ୍ମିକତା, ଶାନ୍ତି, ପ୍ରସନ୍ନତା, ଆନନ୍ଦ ଓ ଉଲ୍ଲାସମୂଳକ ଭାବନା ମୋ ଭିତରେ ସନ୍ନିବେଶିତ ହୋଇଗଲା । ଯାହାଫଳରେକି ମୋତେ ବହୁତ ସନ୍ତୁଷ୍ଟି ପ୍ରାପ୍ତି ହୋଇଛି । ବୈଅତ୍ (ଦୀକ୍ଷା) ଗ୍ରକହଣ ସମୟରେ ଯେତେବେଳେ ହୁଜୁର ଅନୱର୍ ନିଜର ପବିତ୍ର ହସ୍ତ ମୋ ହସ୍ତ ଉପରେ ରଖିଲେ ସେତେବଳେ ମୁଁ ନିଜକୁ ସୌଭାଗ୍ୟଶାଳୀ ବୋଲି ମନେକରୁଥିଲି ଯାହାକି ମୁଁ ପୂର୍ବରୁ କେବେହେଲେ ଅନୁଭବ କରି ନଥିଲି ।

ପୁନଶ୍ଚ ଗୋଏଟେମୋଲାର ଜଣେ ନୂତନ ଅହମଦି ସୁଲେମାନ୍ ରୋଦୁ ସାହାବ୍ ଉଲ୍ଲେଖ କରନ୍ତି ଯେ, ଖଲିଫତୁଲ୍ ମସିହଙ୍କର ଗୋଏଟେମୋଲାକୁ ଆସିବା ଆମମାନଙ୍କ ନିମନ୍ତେ ସୌଭାଗ୍ୟ କାରଣ ଅଟେ । ଆମ ଜମାଅତ୍ ଉପରେ ଅଲ୍ଲାଃତାଲାଙ୍କର ଅଶେଷ କୃପା ରହିଛି ଯେ,ଆପଣ (ଅର୍ଥାତ୍ ହୁଜୁର ଅନୱର୍) ଏଠାକୁ ଆସିଛନ୍ତି । ଯେତେବେଳେ ଆମେ ଏହା ଜାଣିବାକୁ ପାଇଲୁ ଯେ, ଆପଣ ଗୋଏଟେମୋଲାକୁ ଆଗମନ କରୁଛନ୍ତି ସେତେବେଳେ ଆମମାନଙ୍କର ଖୁସିର କୌଣସି ସୀମା ନଥିଲା । ମୋ ଭିତରେ ଆଧ୍ୟାତ୍ମିକ ଦାର୍ଢ୍ୟତା ଉତ୍ପନ୍ନ ହେବାକୁ ଲାଗିଲା । ତହିଁରେ କୌଣସି ସନ୍ଦେହ ନାହିଁ ଯେ, ମୁଁ ନିଜ ଭିତରେ ଅନେକ ପରିବର୍ତ୍ତନ ଅନୁଭବ ମଧ୍ୟ କରିଅଛି ।

ପୁନଶ୍ଚ ଗୋଏଟେମୋଲାର ଜଣେ ବ୍ୟକ୍ତି ଡ଼ୋମେଣ୍ଟି ଅୱ୍ୱଲ୍ ଭାବବିହ୍ୱଳ ଛଳରେ (ହୋଇ) ମୋତେ କହିଲେ ଯେ, ଆମର ଏହି ସୁଦୂର ତଥା ବିସ୍ତୀର୍ଣ୍ଣ ଅଞ୍ଚଳରେ ଅନେକ ଗରିବ ଲୋକମାନେ ବସବାସ କରୁଛନ୍ତି । ଗାଁକୁ ରାସ୍ତାଘାଟ ନାହିଁ । ଆପଣ ପ୍ରାର୍ଥନା କରନ୍ତୁ

ଯେ,ମୋ ଜାତିର ଲୋକମାନେ ମଧ୍ୟ ଇସଲାମ୍ ଧର୍ମ ଗ୍ରହଣ କରନ୍ତୁ ଏବଂ ଅଲ୍ଲାଃତାଲାଙ୍କର ଯେଉଁ କୃପା ମୁଁ ଲାଭ କରିଛି ତାହା ମଧ୍ୟ ସେମାନଙ୍କୁ ପ୍ରାପ୍ତ ହେଉ । ହୁଜୁର୍ ଅନୱର୍ କହିଲେ ସେ ଅତ୍ୟନ୍ତ ଭାବନାତ୍ମକ ଢଙ୍ଗରେ ମୋତେ ପ୍ରାର୍ଥନା କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ଅଲ୍ଲାଃତାଲା କରନ୍ତୁ ଯେ, ସେଠାରେ ମଧ୍ୟ ଏକ ଜମାଅତ୍ ସ୍ଥାପିତ ହେଉ ଏବଂ ଜମାଅତ୍ ବିସ୍ତାରିତ ହେଉ ।

ମେକସିକୋରୁ ଜଣେ ନୂତନ୍ ଅହମଦି ଫୁୟୁଜ୍ ଖୁସୁସି ସାହେବ୍ ଉଲ୍ଲେଖ କରନ୍ତି ଯେ, ଜମାଅତ୍ ସହିତ ଯୋଗସୂତ୍ର ରକ୍ଷା କରିବା,ଏକ ସର୍ବବୃହତ୍ ପୁରସ୍କାର ଅଟେ । ମୋର ଏହି ସୌଭାଗ୍ୟଟି ଯେ, ଅଲ୍ଲାଃତାଲା ମୋର ପ୍ରାର୍ଥନାକୁ ଶୁଣିଲେ । ମୁଁ ଅନ୍ଧକାର ମଧ୍ୟରେ ଥିଲି ଅଲ୍ଲାଃତାଲା ମୋତେ ଓ ମୋର ପରିବାରବର୍ଗଙ୍କୁ ଆଲୋକ ଆଡ଼କୁ ପଥ ପ୍ରଦର୍ଶନ କରାଇଲେ ଏବଂ ମୋତେ ମୋର ଜୀବନର ପରିଧି ମଧ୍ୟରେ ନିଜ ଭିତରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିବା ପାଇଁ ଏକ ସୁଯୋଗ ପ୍ରଦାନ ମଧ୍ୟ କେଲେ ।

ସେହିପରି ୧୩,୧୪ ବର୍ଷୀୟ ଜଣେ ବାଳିକା କହିଲା ଯେ, ପୂର୍ବେ ମୁଁ ନିଜକୁ ବହୁତ ଭୟଭୀତ ମନେକରୁଥିଲି ଯେ,ମୁଁ ଉପସ୍ଥିତ ଖିଲିଫାଙ୍କ ଆଗରେ ଏଭଳି କିଛି କଥା କହି ନଦିଏ ଯାହାର ପରିଣାମ ସ୍ୱରୂପ ମୁଁ ପରବର୍ତ୍ତୀ ସମୟରେ ଅନୁଶୋଚନ ବା ଅନୁତପ୍ତ ହେବି । କିନ୍ତୁ ସାକ୍ଷାତ୍ ଖୁବ୍ ଭଲ ରହିଲା । ହୁଜୁର ଅନୱର୍ କହିଲେ ସେହି ବାଳିକା ମଧ୍ୟରେ ଖଲିଫାଙ୍କ ପ୍ରତି ସମ୍ମାନ ତଥା ଆଦର ଅଗଣିତ ଥିଲା । ହୁଜୁର ଅନୱର୍ କହିଲେ ସେହିପରି ଅନେକ  ମହିଳା ଓ ପୁରୁଷମାନେ ଅଛନ୍ତି ଯେଉଁମାନେକି ବିଭିନ୍ନ ଦେଶରୁ ଏଠାକୁ ଆସିଥିଲେ ଏବଂ ଅତ୍ୟନ୍ତ ନିଷ୍ଠା ଓ ବଦ୍ଧ ପରିକର ହୋଇ ସେମାନେ ଖିଲାଫତ୍ ପ୍ରତି ସମ୍ମାନ ପ୍ରଦର୍ଶ କରୁଥିଲେ । ଅଲ୍ଲାଃତାଲା ସେହି ସମସ୍ତ ବ୍ୟକ୍ତିଙ୍କ ନିଷ୍ଠାରେ ଅସାଧାରଣରୂପେ ଅଭିବୃଦ୍ଧି ଘଟାଇ ସେମାନଙ୍କୁ ପ୍ରକୃତ ଅହମଦିରେ ପରିଣତ କରନ୍ତୁ । (ଆମିନ୍)

ହୁଜୁର ଅନୱର୍ ଅ.ବ ଗଣମାଧ୍ୟମ ନିୟନ୍ତ୍ରଣାଧୀନ ପ୍ରସାରିତ ପରିମାଣ ଓ ସଂଖ୍ୟା ସମ୍ବନ୍ଧରେ ଦର୍ଶାଇ ଏହା କହିଲେ ଯେ, ଆମେରିକାର ଟେଲିଭିଜନ ମାଧ୍ୟମରେ ମୋଟ୍ ୨୮ ଲକ୍ଷ ୬୯ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ନିକଟରେ ଜମାଅତର ବାର୍ତ୍ତା ପହଞ୍ଚିଲା । ରେଡ଼ିଓ କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ୍ ୫୩ ଲକ୍ଷ ୯୮ ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କ ନିକଟରେ ଜମାଅତେ ଅହମଦିୟାର ବାର୍ତ୍ତା ପହଞ୍ଚିଲା । ଡ଼ିଜିଟାଲ୍ ଫୋରମ୍ ୱେବସାଇଟ୍ ଏବଂ ସୋଶିଆଲ୍ ମିଡ଼ିଆ ଇତ୍ୟାଦିଙ୍କ ମାଧ୍ୟମରେ ୨୦ ଲକ୍ଷ ଲୋକଙ୍କ ପାଖରେ ଜମାଅତର ବାର୍ତ୍ତା ପହଞ୍ଚିଲା । ଖବରକାଗଜରେ ମୋଟ୍ ୪୫ଟି ଆର୍ଟିକିଲ୍ (ଅନୁଚ୍ଛେଦରେ) ପ୍ରକାଶିତ ହୋଇଥିଲା । ଯହିଁରୁ ପ୍ରାୟ ୧୦ ବିଲିୟନ୍ (ଅର୍ଥାତ୍ ଶତକୋଟି)ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ନିକଟରେ ଜମାଅତର ବାର୍ତ୍ତା ପହଞ୍ଚିଲା ।

ଏକ ଆକଳନ ଅନୁଯାୟୀ ଲାଟିନ୍ ଆମେରିକାର ବିଭିନ୍ନ ଦେଶର ପ୍ରିଣ୍ଟ ମିଡ଼ିଆ ଓ ବିଭିନ୍ନ ଖବରକାଗଜ ତଥା ଟେଲିଭିଜନ ଚ୍ୟାନେଲ୍ ମାଧ୍ୟମରେ ପ୍ରାୟ ୩୨ ମିଲିୟନ୍ ଲୋକମାନଙ୍କ ନିକଟରେ ନାସିର୍ ହସ୍ପିଟାଲର ଲୋକାର୍ପଣ ସମ୍ବନ୍ଧୀୟ ଖବର ଉପରୋକ୍ତ ସୂତ୍ର ମାଧ୍ୟମରେ ଇସଲାମର ବାର୍ତ୍ତା ପହଞ୍ଚିଲା । ଅଲ୍ଲାଃତାଲାଙ୍କ କୃପାରୁ ଏବଂ ପ୍ରତ୍ୟେକ ଦୃଷ୍ଟିକୋଣରୁ ଏହି ଯାତ୍ରା ମଙ୍ଗଳମୟ ତଥା ସାଫଲ୍ୟ ମଣ୍ଡିତ ହୋଇଥିଲା । ଆଗାମୀ ଦିନ ମାନଙ୍କରେ ଅଲ୍ଲାଃତାଲା ଏହାର ସୁଫଳ ମଧ୍ୟ ପ୍ରଦାନ କରନ୍ତୁ । ଆମିନ୍

ଖୁତବାର ଶେଷପର୍ଯ୍ୟାୟରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ସ୍ୱର୍ଗତ ସାୱା ଦୋଗୋ ଇସମାଇଲ୍ ସାହେବଙ୍କର ସୁଗୁଣାବଳୀଗୁଡ଼ିକର ଚର୍ଚ୍ଚାକରି ତାଙ୍କର ନମାଜେ ଯନାଜାଃ ଗାଏବ୍ ପଢେଇଲେ ।

.......................................

**KHULASA KHUTBA JUMA HUZOOR ANWAR a.b.a**
**16th NOV 2018**

..................